# NATIONAL SCIENCE DAY-2025



## ସାଲେପୁର ସ୍ୱୟଂଶାସିତ କଲେଜ୍ ପକ୍ଷରୁ ବିଜ୍ଞାନ ଦିବସ

ସାଲେପୁର, ୨୮/୨ (ଇମିସ): ସାଲେପୁର ସ୍ୱୟଂଶାସିତ କଲେଜ୍ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। କଲେଜ୍ ଅଧ୍ୟକ୍ଷା ଡକ୍ଟର୍ ସଙ୍ଗୀତ ମିଶ୍ର ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣରେ ବିଜ୍ଞାନ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଏସ୍ଏଚ୍ଇସିର ଏକାଡେମି କନସଲଟାଣ୍ଟ ପ୍ରଫେସର୍ ଡକ୍ଟର୍ ତୁଷାରକାନ୍ତି ତ୍ରିପାଠୀ ବିଜ୍ଞାନ ସମ୍ପର୍କିତ ଉପାଦେୟ ତଥ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ତଥା ବିଜ୍ଞାନ ସମିତିର ଉପଦେଷ୍ଟା ପ୍ରଶାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡକ୍ଟର୍ ଅସିତ୍ ପରିଜା, ପ୍ରାଧ୍ୟାପକ ନିରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଜା, ଆଲୋକ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀପ୍ରିୟା ଦାସ, କରୁଣାକର ମୁଦୁଲିଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ଶ୍ରୀୟାସକୁଲ ବଳ, ଚାନ୍ଦିନ ସାହୁ, ତପସ୍ୱିନୀ ମହାପାତ୍ର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଶାସନିକ ଅଧିକାରୀ ଡକ୍ଟର୍ ସ୍ୱାତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।










